# NATIONAL NEWS BULLETIN (ODIA)

**3 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ବୈଠକ ଅନୁଷ୍ଠିତ

- ଦେଶର ଅର୍ଥନୈତିକ ବିକାଶରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ, କହିଲେ ପ୍ରତିରକ୍ଷାମନ୍ତ୍ରୀ

- ଦେଶରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀତ୍ୱ ଓ ସ୍ଥିରତା ଉପରେ ଦୃଷ୍ଟି ରଖିଛନ୍ତି କେନ୍ଦ୍ର ସରକାର, କହିଛନ୍ତି କେନ୍ଦ୍ର ସମବାୟ ମନ୍ତ୍ରୀ

- ଆଜି ପାଳିତ ହେଉଛି ବିଶ୍ୱ ବନ୍ୟପ୍ରାଣୀ ଦିବସ

ଏବଂ

- ଜାମ୍ମୁ କାଶ୍ମୀର ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ

---

# ପିଏମ୍ ଗୁଜରାଟ

ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଗୁଜରାଟର ଜୁନାଗଡ଼ ଜିଲ୍ଲାର ଶାସନଗିରଠାରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ସପ୍ତମ ବୈଠକ ଅନୁଷ୍ଠିତ ହୋଇଛି । ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ବିଭିନ୍ନ ରାଜ୍ୟର ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ବିଭିନ୍ନ ରାଜ୍ୟର ବନ୍ୟପ୍ରାଣୀ ୱାର୍ଡେନ୍

ଓ ସଚିବମାନେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ବନ୍ୟଜନ୍ତୁ ସଂରକ୍ଷଣ ଓ ପରିଚାଳନା ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ବନ୍ୟଜନ୍ତୁ ଓ ଜଙ୍ଗଲର ସଂରକ୍ଷଣ ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୋର୍ଡ କାର୍ଯ୍ୟ କରୁଛି ଏବଂ ପ୍ରଧାନମନ୍ତ୍ରୀ ଏହାର ଅଧ୍ୟକ୍ଷ ଅଛନ୍ତି ।

ବୈଠକରେ ପ୍ରଧାନମନ୍ତ୍ରୀ ଜୁନାଗଡ଼ଠାରେ ବନ୍ୟପ୍ରାଣୀଙ୍କ ପାଇଁ ଜାତୀୟ ରେଫରାଲ୍ ସେଣ୍ଟରର ଭର୍ଚୁଆଲ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୬ତମ ଏସୀୟ ସିଂହ ସଂଖ୍ୟା ଆକଳନ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି । ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗୀର୍ ଜାତୀୟ ଉଦ୍ୟାନ ପରିଦର୍ଶନ କରିବା ସହ ବୃକ୍ଷରୋପଣ କରିଥିଲେ ।

---

# ରାଜନାଥ-ସିଏସ୍ଆର୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଭାରତ ଆସନ୍ତା ଦୁଇବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିବା ଆଜି ନୂଆଦିଲ୍ଲୀରେ ସଶସ୍ତ୍ର ବାହିନୀ ପତାକା ଦିବସ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି । ଶ୍ରୀ ସିଂ କହିଛନ୍ତି, ଦେଶର ଅର୍ଥନୈତିକ ବିକାଶରେ ଉଭୟ ସରକାର ଓ ବେସରକାରୀ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅର୍ଥନୈତିକ ସ୍ୱାଧୀନତା କ୍ଷେତ୍ରରେ ଦେଶର ଅଗ୍ରଗତି ଉଭୟ କ୍ଷେତ୍ରର ଅଂଶ ଗ୍ରହଣ ଦ୍ୱାରା ଯଥେଷ୍ଟ ଭାବରେ ପରିଚାଳିତ ହୋଇଛି ବୋଲି ସେ କହିଛନ୍ତି । ଜାତୀୟ ନିରାପତ୍ତା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରତିରକ୍ଷାମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି :

**V/O**

**[Rajnath Singh]**

ଭାରତର ମୁଣ୍ଡପିଛା ଆୟ କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ଏହା ଦେଶର ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଦେଶର ସୀମା ସୁରକ୍ଷାରେ ଭାରତୀୟ ଯବାନମାନଙ୍କ ଭୂମିକାକୁ ସେ ପ୍ରତିରକ୍ଷାର ପ୍ରଥମ ଧାଡ଼ି ଭାବେ ସ୍ୱୀକୃତି ଦେଇ ସେମାନଙ୍କ ସମର୍ପଣକୁ ପ୍ରଶଂସା କରିଛନ୍ତି ।

......................................................................................................

# ଜୟଶଙ୍କର-ବେଲଜିୟମ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ନୂଆଦିଲ୍ଲୀରେ ବେଲ୍‌ଜିୟମ ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମ୍ୟାକ୍ସିମ ପ୍ରେଭୋଟଙ୍କ ସହ ବୈଠକ କରି ବେଲଜିୟମ ସହ ଭାରତର ଐତିହାସିକ ସଂପର୍କ ଉପରେ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ବାଣିଜ୍ୟ, ଶିଳ୍ପ, ଶିକ୍ଷା, ଉଦ୍ଭାବନ ଏବଂ ସଂସ୍କୃତି କ୍ଷେତ୍ରରେ ଉତ୍ତମ ସଂପର୍କ ରହିଛି । ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ସେମିକଣ୍ଡକ୍ଟର, ସ୍ୱଚ୍ଛ ଶକ୍ତିକ୍ଷେତ୍ର ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ କିଭଳି ସହଯୋଗ ବୃଦ୍ଧି ପାଇବ, ସେ ନେଇ ଆଲୋଚନା ହୋଇଛି ।

ଆଜି ଅପରାହ୍ନରେ ଡକ୍ଟର ଜୟଶଙ୍କର ବେଲଜିୟମ ରାଜକୁମାରୀ ଆଷ୍ଟ୍ରିଡ୍‌ଙ୍କ ସହ ଏକ ବୈଠକ କରିବେ । ସାତଦିନିଆ ଭାରତ ଗସ୍ତରେ ଆସିଥିବା ବେଲଜିୟମ ରାଜକୁମାରୀ ଆଷ୍ଟ୍ରିଡ୍ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

......................................................................................................

# ଶାହା-ଡାଇରୀ ୱାର୍କସପ୍

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ସ୍ଥିରତା ଉପରେ ଆୟୋଜିତ କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ସମବାୟ ମନ୍ତ୍ରଣାଳୟ ଏବଂ ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ବିଭାଗ ମନ୍ତ୍ରଣାଳୟର ନୀତି ଓ ପଦକ୍ଷେପ ଗୁଡ଼ିକୁ ସୁଦୃଢ଼ କରିବା ଲାଗି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । **V/O**

କର୍ମଶାଳାରେ ବିଭିନ୍ନ ରାଜ୍ୟରେ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶ୍ରୀ ଶାହା ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ କୃଷକମାନଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଥିବା କହିଛନ୍ତି :

**V/O**

**[Amit Shah]**

---

# ୱାର୍ଲଡ ୱାଇଲ୍‌ଡ ଲାଇଫ୍ ଡେ

ପ୍ରକୃତିରେ ସନ୍ତୁଳନ ରକ୍ଷା ନିମନ୍ତେ ବନ୍ୟଜନ୍ତୁ ଓ ଉଦ୍ଭିଦ ଗୁଡ଼ିକର ପ୍ରମୁଖ ଭୂମିକା ରହିଛି । ସେମାନଙ୍କ ସୁରକ୍ଷା ନିମନ୍ତେ ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି । ଭାରତରେ ବନ୍ୟଜନ୍ତୁ ସଂରକ୍ଷଣ ଓ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରାକୃତିକ

ଐତିହ୍ୟର ସଂରକ୍ଷଣ ଓ ସୁରକ୍ଷା ଉଦ୍ଦେଶ୍ୟରେ ଦୃଢ଼ ନୀତି ଏବଂ ଅନେକ ଗୁଡ଼ିଏ ଆଇନଗତ ଢ଼ାଞ୍ଚା ସ୍ଥାପନ କରିଛନ୍ତି ।

ଭାରତ ଏହାର ସମୃଦ୍ଧ ଏବଂ ବିବିଧ ବନ୍ୟଜନ୍ତୁ ପ୍ରାକୃତିକ ସ୍ଥଳୀ ପାଇଁ ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ଦେଶରେ ୧ ହଜାରରୁ ଅଧିକ ସୁରକ୍ଷିତ ପ୍ରାକୃତିକ ବାସସ୍ଥାନ ମଧ୍ୟରେ ୧୦୬ଟି ଜାତୀୟ ଉଦ୍ୟାନ, ୫୭୩ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ୧୧୫ଟି ସଂରକ୍ଷଣ ସ୍ଥଳୀ ରହିଛି । ବିଗତ ବର୍ଷଗୁଡ଼ିକରେ କେନ୍ଦ୍ର ସରକାର ଭାରତରେ ବନ୍ୟଜନ୍ତୁ ସଂରକ୍ଷଣ ଏବଂ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ବେଳେ, ୨୦୨୫-୨୬ ବଜେଟରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପାଇଁ ୩ ହଜାର ୪୧୨ କୋଟି ଟଙ୍କାର ଅର୍ଥ ଆବଣ୍ଟନ କରିଛନ୍ତି ।

ଗତ ଆର୍ଥିକବର୍ଷ ତୁଳନାରେ ଏହା ୯ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି । ଏହାଛଡ଼ା ବନ୍ୟଜନ୍ତୁ ଆବାସସ୍ଥଳୀର ବିକାଶ ନିମନ୍ତେ ୪୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଗତବର୍ଷ ପ୍ରୋଜେକ୍ଟ ଡଲ୍‌ଫିନ୍ ଅଧୀନରେ ଆସାମରେ ଡଲଫିନ୍ ଦେହରେ ସଫଳତାର ସହ ସାଟେଲାଇଟ୍ ଟ୍ୟାଗିଙ୍ଗ୍ କରାଯାଇ ପାରିଛି । ଦେଶରେ ୫୪ଟି ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ରହିଥିବା ବେଳେ, ବିଶ୍ୱର ୭୦ ପ୍ରତିଶତ ବ୍ୟାଘ୍ର ଭାରତରେ ଅଛନ୍ତି । ଏହା ବ୍ୟତୀତ ବିଲୁପ୍ତପ୍ରାୟ ଚିତ୍ତାବାଘ ବଂଶ ବୃଦ୍ଧି ଲାଗି ପ୍ରୋଜେକ୍ଟ ଚିତା ଆରମ୍ଭ କରାଯାଇଥିବା ବେଳେ ଦେଶରେ ଗତ କିଛିବର୍ଷ ହେବ ଜଙ୍ଗଲୀ ହାତୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ପରିବେଶ ସଂରକ୍ଷଣ ଉଦ୍ଦେଶ୍ୟରେ **ଏକ୍ ପେଡ୍ ମା'କେ ନାମ୍** ଅଭିଯାନ ଅଧୀନରେ

ଗତବର୍ଷ ଡିସେମ୍ବର ସୁଦ୍ଧା ଦେଶରେ ୧୦୨ କୋଟିରୁ ଅଧିକ ବୃକ୍ଷରୋପଣ କରାଯାଇଚି ।

## ପିଏମ୍- ୱାଇଲ୍ଡ ଲାଇଫ୍ ଡେ

ପୃଥିବୀର ଜୈବ ବିବିଧତାର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରତିବଦ୍ଧ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ଶ୍ରୀ ମୋଦୀ ପ୍ରତ୍ୟେକ ପ୍ରଜାତିର ଗୁରୁତ୍ୱପୂର୍ଣ୍ଣ ଭୂମିକାର ମହତ୍ତ୍ୱ ରହିଛି ବୋଲି କହିବା ସହ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ସୁରକ୍ଷା ଦିଗରେ ଭାରତର ଅବଦାନ ପାଇଁ ସନ୍ତୋଷ ପ୍ରକାଶ କରିଛନ୍ତି ।

ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯାଦବ କହିଛନ୍ତି, ପୃଥିବୀର ପ୍ରାକୃତିକ ବ୍ୟବସ୍ଥାରେ ସମସ୍ତ ପ୍ରଜାତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ଏବଂ ପୃଥିବୀର ରକ୍ଷକ ଭାବରେ ଆଗାମୀ ପିଢ଼ି ପାଇଁ ସେମାନଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ ।

## ଜେକେ ଆସେମ୍ବ୍ଲି ବଜେଟ୍

ଜାମ୍ମୁ ଓ କାଶ୍ମୀର ବିଧାନସଭାରେ ଆଜି ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଆନୁଷ୍ଠାନିକ ଅଭିଭାଷଣ ସହ ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଉପରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି, ଐତିହାସିକ ଦୃଷ୍ଟିରୁ ଏହି ବଜେଟ୍ ଗୁରୁତ୍ୱପୂର୍ଣ୍ଣ,

କାରଣ ଗତ ୭ ବର୍ଷ ମଧ୍ୟରେ ନିର୍ବାଚିତ ସରକାରଙ୍କ ଏହା ପ୍ରଥମ ବଜେଟ୍, ଯାହା ଲୋକଙ୍କ ଶକ୍ତିର ପ୍ରତୀକ ଅଟେ । ସେ କହିଛନ୍ତି ଏହି ବଜେଟ କେବଳ ଏକ ଆର୍ଥିକ ଦସ୍ତାବିଜ୍ ନୁହେଁ, ବରଂ ଏହା ଲୋକମାନଙ୍କ ଆଶାକୁ ପ୍ରତିଫଳିତ କରୁଥିବାର ପ୍ରମାଣ ଅଟେ ।

ଅଭିଭାଷଣରେ ଉପରାଜ୍ୟପାଳ ମହିଳା ସଶକ୍ତିକରଣ, ଯୋଗାଯୋଗ, ଯୁବ ସଶକ୍ତିକରଣ ଓ ଜାମ୍ମୁ କାଶ୍ମୀରକୁ ଶିକ୍ଷାର ହବ୍‌ରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଉପରାଜ୍ୟପାଳ କହିଛନ୍ତି, ହଜାର ହଜାର ଆଶାୟୀ ଉଦ୍ୟୋଗୀଙ୍କୁ ସରକାର ପ୍ରୋତ୍ସାହିତ କରିବା ସହ ଏଥିରେ ସଫଳତା ମିଳିଥିବା ଜଣାପଡ଼ିଛି ।

## ଚେନ୍ନାଇ ଏକ୍‌ଜାମ୍

ତାମିଲନାଡୁରେ ଆଜିଠାରୁ ଉଚ୍ଚମାଧ୍ୟମିକ ପରୀକ୍ଷା ଆରମ୍ଭ ହୋଇଛି । ଚଳିତମାସ ୨୫ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଜାରି ରହିବ । ରାଜ୍ୟର ୩୧୬୯ଟି କେନ୍ଦ୍ରରେ ୮ଲକ୍ଷ ୨୧ ହଜାର ୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ପରୀକ୍ଷାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ୪୫ ହଜାରରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରାଯାଇଛି । ୪ ହଜାର ୮୦୦ରୁ ଅଧିକ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଗଠନ କରାଯାଇଥିବା ଜଣାପଡ଼ିଛି । ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ନେବା ଉପରେ କଟକଣା ଜାରି କରାଯାଇଛି । ଅନ୍ୟପକ୍ଷରେ ଚଳିତମାସ ୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଏକାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ । ସେହିପରି ମାର୍ଚ୍ଚ ୨୮ ତାରିଖରୁ ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଗୋୟଲ-ୱାଶିଂଟନ୍ ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଆଜିଠାରୁ ୱାଶିଂଟନ୍ ଗସ୍ତରେ ଯାଉଛନ୍ତି । ଏହି ଅବସରରେ ଶ୍ରୀ ଗୋୟଲ୍ ଆମେରିକାର ବାଣିଜ୍ୟ ପ୍ରତିନିଧି  ଜେମିସନ୍ ଗ୍ରିର ଏବଂ ବାଣିଜ୍ୟ ସଚିବ ହାୱାର୍ଡ୍ ଲୁଟନିକ୍‌ଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ଦୁଇ ଦେଶ ମଧ୍ୟରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପରିପ୍ରେକ୍ଷୀରେ ଶ୍ରୀ ଗୋୟଲଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୱାଶିଂଟନ୍ ଗସ୍ତ ଅବସରରେ ଭାରତ ଓ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟକୁ ଆସନ୍ତା ୨୦୩୦ ସୁଦ୍ଧା ଦ୍ୱିଗୁଣିତ କରି ୫୦୦ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଥିଲା । ଶ୍ରୀ ମୋଦୀଙ୍କ ଏହି ଗସ୍ତ ଅବସରରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ବେଳେ ଉଭୟ ଦେଶ ଏଥିପାଇଁ ସେମାନଙ୍କର ପ୍ରତିବଦ୍ଧତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉଭୟ ଦେଶ ମଧ୍ୟରେ ଏକ ଦୃଢ଼ ବାଣିଜ୍ୟ ଚୁକ୍ତି ପ୍ରସ୍ତୁତି ନେଇ ଆଲୋଚନା ହେବ ବୋଲି ଶିଳ୍ପ ମନ୍ତ୍ରୀ ଶ୍ରୀ ଗୋୟଲ୍ ଗତ ମାସରେ ଘୋଷଣା କରିଥିଲେ ।